ପ୍ରେସ ନୋଟ

# ବାବା ସାହେବ ଡଃ.ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ।

ଅନୁଗୋଳ,ତା.୧୪.୪:- ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ. ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୧୩୧ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ବଅଁରପାଳ ସେବାଶ୍ରମ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସେବାଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୂର୍ଣ୍ଣିମା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଛାତ୍ରୀମାନଂକୁ ବାବା ସାହେବ ଅ ଆମ୍ବେଦକରଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଉପଯୁକ୍ତ ଜ୍ଞାନ ଓ ବିଦ୍ୟା ଅର୍ଜନ କରି କଠିନ ପରିଶ୍ରମ ଓ ନିଜର ଅଧ୍ୟବସାୟ ବଳରେ ନିଷ୍ଠାର ସହିତ କର୍ତ୍ତବ୍ୟ କରିବାକୁ ଛାତ୍ରୀମାନଂକୁ ପରାମର୍ଶ ଦେଇଥିଲେ । ଆମ୍ବେଦକରଙ୍କ ଅବଦାନ ଆମ ସମସ୍ତଂକ ପାଇଁ ଚିର ନମସ୍ୟ,ଏଣୁ ଆମେ ସମସ୍ତେ ପାଠ ପଢି ଅନ୍ୟର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ନିମନ୍ତେ ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ମାଝି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଏହି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେବାଶ୍ରମର ଛାତ୍ରୀ ରାକ୍ଷୀ ସୋରେନ୍ ଓ ପାର୍ବତୀ ମାଝି ଆମ୍ବେଦକରଙ୍କ ଆତ୍ମଜୀବନୀ ଓ ତାଂକର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ମତାମତ ଉପସ୍ଥାପନ କରିଥିଲେ । ଏହି ଜୟନ୍ତୀ ସମାରୋହରେ ଅନ୍ୟମାନଂକ ମଧ୍ୟରେ ସେବାଶ୍ରମର ସହକାରୀ ଶିକ୍ଷକ ଶ୍ରୀ ଲଳିତ ମୋହନ ମହାନ୍ତି, ଶ୍ରୀ ନରୋତ୍ତମ ସାମଲ, ନମିତା ସାହୁ, ପ୍ରତିମା ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୨୬୭ ତା. ୧୪.୦୪.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଦୁଃ ମାଝି ୧୪/୪/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ


ଡଃ ବାବା ସାହେବ ବି.ଆର. ଆମ୍ବେଦକର
ଜୟନ୍ତୀ ସମାରୋହ
ଅନୁଗୋଳ

